ଗ୍ରୀଷ୍ମପ୍ରବାହ ଆରମ୍ଭରୁ ଜଳକଷ୍ଟ

# କାମକୁ ଆସୁନି ଆଡ଼ିବନ୍ଧ ଓ ଚେକ୍‌ଡ୍ୟାମ୍

**ଧର୍ମଗଡ଼, ୨୭ ।୩(ସମିସ)**

ଗ୍ରୀଷ୍ମ ପ୍ରଭାବ ବଢ଼ିବାରେ ଲାଗିଛି । ନଦୀ, ନାଳ ପୋଖରୀ ଶୁଖି ଆଁ କରିବାକୁ ବସିଲାଣି ।ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ଜଳ କଷ୍ଟରେ ଉବୁଟୁବୁ ହେଉଥିବା ଦେଖାଦେଲାଣି ।ଏଭଳି ସ୍ଥିତିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ୍, ଆଡ଼ିବନ୍ଧ କିଛି କାମକୁ ଆସି ପାରୁନାହିଁ। ଯାହା ଏବେ ପ୍ରଶାସନର ଠିକାଦାର ପୋଷା ନୀତି ବୋଲି ଚର୍ଚ୍ଚା ହେଉଛି । ସରକାର ଜଳ ସଂରକ୍ଷଣ ତଥା ଚାଷ ଅନୁକୂଳ ଓ ବ୍ୟବହାର ଲାଗି କୋଟିକୋଟି ଟଙ୍କା ବିନିଯୋଗ କରି ଚେକ୍‌ଡ୍ୟାମ୍, ଆଡ଼ିବନ୍ଧ ନିର୍ମାଣ କରିଛନ୍ତି ।ହେଲେ ସଠିକ ସ୍ଥାନ ନିରୂପଣ ନ କରି ଠିକାଦାରଙ୍କୁ ସୁହାଇଲା ଭଳି ସ୍ଥାନରେ ନିର୍ମାଣ ହୋଇଥିବା ଚର୍ଚ୍ଚା ହେଉଛି। ବିଭିନ୍ନ ସ୍ଥାନର ଜୋର, ନଦୀ, ନାଳ ଆଦି ସ୍ଥାନରେ ଛତୁ ଫୁଟିଲା ଭଳି ନିର୍ମାଣ ହୋଇଛି କିନ୍ତୁ କୌଣସି କାମରେ



ଆସୁ ନଥିବାରୁ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।ଧର୍ମଗଡ଼ ବ୍ଲକ ବିଭିନ୍ନ ପଞ୍ଚାୟତ ଅଧିନ ନଦୀ, ନାଳ, ଜୋର ଆଦି ସ୍ଥାନରେ ଶହ ଶହ ଚେକ୍‌ଡ୍ୟାମ୍ ଓ ଆଡ଼ିବନ୍ଧ ହୋଇଛି । ତେବେ ଦଣ୍ଡପାଟ ଅଞ୍ଚଳ ଟେଣ୍ଟାପାଲି ପଞ୍ଚାୟତ, ବେହେରା ପଞ୍ଚାୟତ ମଧ୍ୟରେ ଅନେକ ଚେକ୍‌ଡ୍ୟାମ୍ ଓ ଆଡ଼ିବନ୍ଧ ନିର୍ମାଣ ହୋଇଥିବା ବେଳର ପଛରେ ଅଛି ଜୟନ୍ତପୁର, ଧଅରପୁର, ପର୍ଲା, କଦଲିମୁଣ୍ଡା ଓ ଛଞ୍ଚାଣବାହେଲି ପଞ୍ଚାୟତ। ଶତାଧିକ ଚେକ୍‌ଡ୍ୟାମ୍ ସହ ଆଡ଼ିବନ୍ଧ ଏହି ପଞ୍ଚାୟତର ଅନେକ ସ୍ଥାନରେ ନିର୍ମାଣ ହୋଇଥିଲେ ମଧ କୌଣସି କାମକୁ ଆସୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏପରିକି ଗୋଟାଏ ନଦୀ, ନାଳ, ଜୋର ଭିତରେ ୧୦୦/୨୦୦ମିଟର ବ୍ୟବଧାନ ମଧ୍ୟରେ ଚେକ୍ ଡ୍ୟାମ ଓ ଆଡ଼ିବନ୍ଧ ନିର୍ମାଣ ହୋଇଥିବ ନଜର ରହିଛି ।ଏସବୁ ର ନିର୍ମାଣ କାମ ନିମ୍ନମାନର ହୋଇଥିବା ଯୋଗୁଁ ଅଧିକାଂଶ ଚେକ୍‌ଡ୍ୟାମ୍ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ବେଳେ ଆଡ଼ିବନ୍ଧ ଅବସ୍ଥା ସାଂଘାତିକ ଥିବା ନଜର ରହିଛି ।ତେବେ ଶହ ଶହ ଚେକ୍‌ଡ୍ୟାମ ଓ ଆଡ଼ିବନ୍ଧ ହୋଇଥିଲେ ହିଁ ନା ଜଳସଂରକ୍ଷଣ ରହିଛି ପାରିଛି ନା ଚାଷ କାମରେ ଆସିପାରୁଛି ।ଏପରିକି ପଶୁପକ୍ଷୀ ଟୋପାଏ ପାଣି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ବାସ୍ତବତାସ୍ଥିତିକୁ ଅନୁସରଣ କରାଯାଏ -କୋଉଠି ନା କୋଉଠି ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ଅନୁମାନ କରାଯାଏ ।କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗ ପଞ୍ଚାୟତ ସମିତି ବିଭାଗ ଓ ଠିକାଦାର ମିଳିମିଶି ସରକାରୀ ଅର୍ଥ ଲୁଟ୍ କରିଥିବା ବିଷୟକୁ ଏଡାଇ ଦିଆଯାଇନପାରେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନ ଆସି ପାରିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

# ଭଟାଙ୍ଗପଦରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଲାଞ୍ଜିଗଡ଼, ୨୭ ।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ଭଟଙ୍ଗପାଦର କ୍ଲଷ୍ଟର ପକ୍ଷରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ରାଣିକଟାରେ ଦ୍ୱିଦିବସୀୟ ଶିକ୍ଷଣ ସାମଗ୍ରୀ (ଟିଏଲଏମ୍) ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ଭଟାଙ୍ଗପଦର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ ଉଦଘାଟନ କରିଥିଲେ । ଆନୁଷ୍ଠାନିକ ଭାବରେ ଟିଏଲଏମ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଯୋଗଦେଇ ଶିକ୍ଷକମାନଙ୍କୁ ଟିଏଲଏମ୍ ବ୍ୟବହାର ମାଧ୍ୟମରେ ଶିକ୍ଷାଦାନକୁ ଆହୁରି ଆକର୍ଷଣୀୟ ଓ ଫଳଦାୟକ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସୁଢଳଦେବ ମୁଣ୍ଡ ଓ ସମିତି ସଭ୍ୟ ରୂପେନ୍ଦ୍ର ଛତ୍ରିଆ ଉପସ୍ଥିତ ଥିଲେ ।ଏହି ଅବସରରେ କଟୋଡଘାଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦାମ ସୁନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସଭାକୁ ଜାମଚୁଆଁ ପ୍ରଧାନଶିକ୍ଷକ ଶିବପ୍ରସାଦ ଦାସ ପରିଚାଳନା କରିଥିଲେ। ପରବର୍ତ୍ତୀ ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେର, ସମିତି ସଭ୍ୟ ଶ୍ରୀ ଛତ୍ରିଆ, ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ସାହୁ, ରାଣିକଟା ପ୍ରଧାନଶିକ୍ଷକ ସୁଶାନ୍ତି, ନାନ୍ଦକନା ପ୍ରଧାନଶିକ୍ଷକ ଅନୀଲ ତ୍ରିପାଠୀ ତଥା ଅନ୍ୟାନ୍ୟ ଶିକ୍ଷକ ନିକଟସ୍ଥ କୋଏଲଗାଁ ଗସ୍ତ କରି ଶିକ୍ଷା ସଭାରେ ନୂତନ ଭାବରେ ଶିଶୁବାଟିକାରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ ।କ୍ଲଷ୍ଟର ଅନ୍ତର୍ଗତ ୧୬ଟି ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସୃଜନଶୀଳ ଓ ନୂତନ ଧାରଣାମୂଳକ ଟିଏଲଏମ୍ ପ୍ରସ୍ତୁତ କରିଥିଲେ ।

# ବସ୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା ; ୧୫ଯାତ୍ରୀ ଆହତ



**କୋକସରା, ୨୭ ।୩(ସମିସ) :** କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ମୈଦଲପୁର ଥାନା ଅଧିନ ଆମପାଣି ଘାଟି ରାସ୍ତାର ବୁଲାଣିରେ ଶୁକ୍ରବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଘରୋଇ ଯାତ୍ରୀବାହୀ ବସ୍ ଓ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହେବାରୁ ବସ୍ ଡ୍ରାଇଭର ଗୁରୁତର ହୋଇଥିବା ବେଳେ ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଏସବିଏମଏସ ନାମକ ଘରୋଇ ବସ୍ ନଂ-ଓଡି୧୦ଏସ-୬୩୧୩ କଳାହାଣ୍ଡିରୁ ଜୟପୁର ଅଭିମୁଖେ ଯାଉଥିବା ସମୟରେ ମୈଦଲପୁର ଥାନା ଅଧୀନ ୨୬ ନମ୍ବର ଜାତୀୟ ରାଜପଥ ଆମପାଣି ଘାଟି ରାସ୍ତାର ଖଡକା ନିକଟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ନଂ-ସିଜି୦୪ଏନଏନ-୪୯୯୯ସହ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ବସ୍‌ରେ ଥିବା ପ୍ରାୟ ୧୫ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ବସ୍ ଡ୍ରାଇଭରକୁ ଗଭୀର ଆଘାତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ମୈଦଲପୁର ଥାନା ପୁଲିସ ପହଞ୍ଚି ସମସ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ମୈଦଲପୁର ଓ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ। ପ୍ରକାଶ ଯେ' ଆମ୍ବପାଣିର ଖଡକାପଦର ବୁଲାଣିରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟିବାର ନଜିର ରହିଛି । ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜନସାଧାରଣରେ ଦାବି ହେଉଛି। ଏନେଇ ଦୁର୍ଘଟଣା ପରେ ମୈଦଲପୁର ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଶ୍ରୀରାମ ନବମୀ ପାଇଁ ଗାଁଠୁ ସହର ଚଳଚଞ୍ଚଳ

## ଭକ୍ତଙ୍କୁ ଦହିପଣା ବାଣ୍ଟିଲେ



**ମ. ରାମପୁର, ୨୭ ।୩ (ସମିସ):** ମଦନପୁରରାମପୁର ବ୍ଲକସ୍ଥିତ ଆମ୍ବେଦକର ଛକରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଲୋକନାଥ କୁମାରଙ୍କ ନେତୃତ୍ୱ ଏବଂ ସମାଜସେବୀ ଅଭିରାମ୍ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମଦନପୁର ରାମପୁର ଥାନାଧିକାରୀ ଚିତ୍ତରଞ୍ଜନ ପ୍ରଧାନି ଦହିପଣା ବଣ୍ଟନ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସମ୍ମାନିତ ଅତିଥି ଭାବରେ ମଦନପୁରରାମପୁର କୋର୍ଟର ଆଇନଜୀବୀ ସଂଘର ସଭାପତି ଜୟସିଂଦେଓ ଅଲ, ଓଡ଼ିଶା ସିଦୁଲକାଷ୍ଟ ଫେଡେରେସନ କଳାହାଣ୍ଡିର ଜିଲ୍ଲା ସଭାପତି ବୃନ୍ଦାବନ ନାଗ, ଓଡ଼ିଶା ସାମ୍ବାଦିକ ସଂଘର ସମ୍ପାଦକ କମୁ ପାଣି ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସାମନ୍ତ ରାଏ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘର ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ଏଏସ୍‌ଆଇ ବି ଅଭିମନ୍ୟୁ ରାଓ, ସାମ୍ବାଦିକ ଲକ୍ଷ୍ମନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସମାଜସେବୀ ସତ୍ୟ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଭିରାମ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ହଜାର ହଜାର ଭକ୍ତଙ୍କ ଶୋଭାଯାତ୍ରା



**ଥୁଆମୂଳରାମପୁର, ୨୭ ।୩ (ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ସଦର ମହକୁମାରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅସ୍ଥାୟୀ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା ।ମୁଖ୍ୟପୂଜକ ଭାବେ ଆଲୋକ ରଞ୍ଜନ ମୁଣ୍ଡ ଦାୟିତ୍ୱ ନିଭାଇଥିବା ବେଳେ, କର୍ତ୍ତା ଭାବେ ବିରଞ୍ଚି ନାରାୟଣ ମୁଣ୍ଡଛିନା ଓ ପ୍ରବୀଣ କୁମାର ମୁଣ୍ଡ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଜୟ ଶ୍ରୀ ରାମ ଧ୍ୱନିରେ ଅଞ୍ଚଳ ଭକ୍ତିମୟ ହୋଇଯାଇଥିଲା। ଆୟୋଜକ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ସେବାଦଳର ଟଙ୍କଧର ପରିଛା, ସନ୍ତୋଷ କୁମାର ବାଗ, ସିଦ୍ଧାର୍ଥ ପଟ୍ଟନାୟକ, ଢୁଲୁ ପାଣିଗ୍ରାହୀ, ମଣ୍ଟୁ ପରିଛା, ପ୍ରିୟବ୍ରତ ପଣ୍ଡା, ସୁଧୀର ଦଣ୍ଡସେନା, ରାଜା ପାଣିଗ୍ରାହୀ, ଚିନ୍ମୟ ମୁଣ୍ଡ, ରୋଶନ ପଣ୍ଡା, ରୋମନ ପଣ୍ଡା, ବିଜୁ ପୂଝାରୀ, ଦିଲ୍ଲୀପ ଦୋରା, ଯଶୋବନ୍ତ ପରିଛା ଓ ଶୁଭମ୍ ଗୋପାଳ ସହ ଅନେକ କର୍ମକର୍ତ୍ତା ସହଯୋଗ କରିଥିଲେ। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ

**ଭବାନୀପାଟଣା, ୨୭ ।୩ (ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଶ୍ରୀରାମ ନବମୀ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଙ୍କ ନୀତି ଆଦର୍ଶ ସମସ୍ତ ଛାତ୍ରଛାତ୍ରୀ ଜୀବନରେ ପାଳନ କରିବା ସହ ରାଷ୍ଟ୍ରଗଠନରେ ନିୟୋଜିତ ରହିବାକୁ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ.ଶିବରାମ ନାୟକ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଶତାଧିକ ଛାତ୍ରଛାତ୍ରୀ ଅଭିଭାବକ ଉପସ୍ଥିତ ରହିଥିବା ବେଳେ ସ୍କୁଲର ଶିକ୍ଷୟିତ୍ରୀ ସରିତା ବାଗେଲ, ସମୀକ୍ଷ୍ୟାରାଣୀ ବେହେରା ସହଯୋଗ କରିଥିଲେ ।




# ସିଉନୀରେ ଥଣ୍ଡାପାନୀୟ ବ୍ୟବସ୍ଥା ଉଦ୍‌ଘାଟିତ

**କୋକସରା, ୨୭ ।୩(ସମିସ):** କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନୀଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି ।କୋକସରା ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ପଞ୍ଚାୟତ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ଗୋପିଚନ ନାଏକ, ସଞ୍ଜୟ ସିଂଙ୍ଗଲ, ସୁରେଶ ଅଗ୍ରୱାଲ, ରବି ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ହିମାଞ୍ଚଳ ପୁଝାରି, ନରେନ୍ଦ୍ର ଧଙ୍ଗଡ଼ାମାଝୀ, ସୁମନ୍ତ କୁମାର ପଣ୍ଡା, ଭୁବନେଶ୍ୱର ଦିଶାରୀ, ବୈଦ୍ୟନାଥ ପଣ୍ଡା, ପରମେଶ୍ୱର ଧଙ୍ଗଡ଼ାମାଝୀ, ଭୁବନେଶ୍ୱର ପୂଝାରି, ଗୋପବନ୍ଧୁ ବିହାର ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ଶେଷରେ ଭୁବନେଶ୍ୱର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ଶାସ୍ତ୍ରୀଜି ମହିଳା ମହାବିଦ୍ୟାଳୟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

**ଭବାନୀପାଟଣା, ୨୭ ।୩(ସମିସ):** ସ୍ଥାନୀୟ ଶାସ୍ତ୍ରୀଜି ମହିଳା ମହାବିଦ୍ୟାଳୟରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା ଡାକସେବା ବିଭାଗ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ, କଳାହାଣ୍ଡି ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ସହକାରୀଅଧିକ୍ଷକ ଡାକବିଭାଗ କଳାହାଣ୍ଡି ଏନ.ସଞ୍ଜୟ କୁମାର ଦୋରା, ଡିଓପିଏଲଆଇ ଅଭିଷେକ ପଣ୍ଡା ଉକ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଜୟରାମ ସାହୁ, ଅଧକ୍ଷା ନମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆର୍ଥିକ ସାକ୍ଷରତା, ସାଇବର ଅପରାଧ ସମ୍ପର୍କରେ ସୂଚନା ଦେଇଥିଲେ । ସହକାରୀ ନିର୍ଦ୍ଦେଶକ ଶ୍ରୀ ମହାନନ୍ଦ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ଶିବିର ଆୟୋଜନର ଆଭିମୁଖ୍ୟ ଓ ସଚେତନତା ସମ୍ପର୍କରେ ଆଲୋକପାତ କରି ଛାତ୍ରଛାତ୍ରୀ ସଚେତନ ହେବାପାଇଁ ଆହ୍ୱାନ ଦେଇଥିଲେ। ଡାକସେବା ବିଭାଗର ଅଧିକାରୀମାନେ ଡାକବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ବିଭିନ୍ନ ଲାଭ ଜନକସ୍କିମ ଉପରେ ସୂଚନା ଦେଇଥିଲେ। ଶେଷରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ ।

# ରେଳ ପ୍ରବନ୍ଧକଙ୍କ କେସିଙ୍ଗା ରେଳ ଷ୍ଟେସନ ପରିଦର୍ଶନ

**କେସିଙ୍ଗା, ୨୭ ।୩(ସମିସ):** କେସିଙ୍ଗା ରେଳ ଷ୍ଟେସନ ସମ୍ବଲପୁର ରେଳ ଡିଭିଜନର ରାଜସ୍ୱ ଆଦାୟରେ ପ୍ରମୁଖ ଷ୍ଟେସନ ମଧ୍ୟରୁ ଗୋଟିଏ। କେସିଙ୍ଗା ରେଳଷ୍ଟେସନ ଉପରେ କେବଳ କଳାହାଣ୍ଡି ଜିଲ୍ଲାର ରେଳ ଯାତ୍ରୀ ଙ୍କ ବଲାଙ୍ଗିର, ନୂଆପଡ଼ା, ନବରଙ୍ଗପୁର ଜିଲ୍ଲା ରେଳ ଯାତ୍ରୀମାନେ ନିର୍ଭର କରିଥାନ୍ତି ।କାରଣ କେସିଙ୍ଗା ରେଳ ଷ୍ଟେସନରେ ଉକ୍ତ ରୁଟର ସମସ୍ତ ଓ ପ୍ରମୁଖ ରେଳ ଗାଡ଼ିର ରହଣିସ୍ଥଳ କେସିଙ୍ଗା। ହେଲେ କେସିଙ୍ଗା ଷ୍ଟେସନ ରେ ଯାତ୍ରୀଙ୍କ ପାଇଁ କୌଣସି ବିଶେଷ ସୁବିଧା ମିଳୁନଥିଲା ଷ୍ଟେସନରେ ଭଲ ଶୌଚାଳୟ ନଥିଲା କି ଯାତ୍ରୀଙ୍କ ପାଇଁ ଭଲ ପାଇବା ପାଣିର ସୁବିଧା ନଥିଲା। ପରେ କେସିଙ୍ଗାର ବିଭିନ୍ନ ସଙ୍ଗଠନର ଦାବି ସାଙ୍ଗକୁ ଜିଲ୍ଲା ରେଳ ଯାତ୍ରୀ ସଂଘ ଓ ଅନ୍ୟାନ୍ୟ ସଂଗଠନର ଉଦ୍ୟମକ୍ରମେ କେସିଙ୍ଗା ରେଳ ଷ୍ଟେସନକୁ ଦୁଇ ବର୍ଷ ପୂର୍ବେ ଅମୃତଭାରତ ରେଳ ଷ୍ଟେସନ ତାଲିକାରେ ସାମିଲ କରି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ଷ୍ଟେସନର ନବକଳେବର ଆରମ୍ଭ ହୋଇଥିଲା ।ପରେ ଅନେକ ସମୟରେ ବିଭିନ୍ନ ଗଣମାଧ୍ୟମରେ ଷ୍ଟେସନ ନବୀକରଣ କାମ ଠିକ୍ ହେଉନାହିଁ, ମନ୍ଥରଗତିରେ ଚାଲିଛି । ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଓ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଗରିମା ଚୌଧୁରୀ ଅମୃତଭାରତ ଷ୍ଟେସନର କାମ ଓ ଅନ୍ୟାନ୍ୟ ସମସ୍ୟା ତଦାରଖ ପାଇଁ କେସିଙ୍ଗା ଷ୍ଟେସନ ଆସି ବିଭିନ୍ନ ପରିଯୋଜନାର ନିରୀକ୍ଷଣ କରିଥିଲେ ।ଡିଆରଏମ୍ ଆସିବେ ବୋଲି ବାକି ଦିନ ଅପେକ୍ଷା ଶୁକ୍ରବାର ଦିନ କେସିଙ୍ଗା ରେଳଷ୍ଟେସନକୁ ସୁନ୍ଦର ଭାବରେ ସଫା ସୁତୁରା କରାଯିବା ସହିତ ପ୍ଲାଟଫର୍ମକୁ ଚକାଚକ କରାଯାଇଥିଲା ।ବିଜେପି ନଗର ସଭାପତି ପୀଙ୍କୁ ପରିଡ଼ା, ଉପସଭାପତି ପ୍ରିତେସ ପଟେଲ, ସନ୍ତୋଷ ଦାସ, ବିମଳ ବାଗ, ମଣ୍ଟୁ ବର୍ମା ପ୍ରମୁଖ ଷ୍ଟେସନ ଯାଇ ଡିଆରଏମ୍‌ଙ୍କୁ ଷ୍ଟେସନ ବିଭିନ୍ନ ଛୋଟ ବଡ଼ ସମସ୍ୟା ଅବଗତ କରାଇବା ସହିତ ରେଳ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ୟାର ଯଥା ଶୀଘ୍ର ସମାଧାନ କରିବା ପାଇଁ ଆଲୋଚନା କରିଥିଲେ । ସମସ୍ତ ସମସ୍ୟା ଶୁଣିବା ପରେ ଡିଆରଏମ୍ ଶ୍ରୀ ଚୌଧୁରୀ ୧୫ ଦିନ ମଧ୍ୟରେ ସମସ୍ତ ଛୋଟ ଛୋଟ ସମସ୍ୟା ସମାଧାନ କରାଯିବା ସହିତ ଆଗକୁ କେସିଙ୍ଗା ଷ୍ଟେସନର ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



# ପର୍ଲାରେ ଅଷ୍ଟପ୍ରହର ନାମଯଜ୍ଞ

**ଧର୍ମଗଡ଼, ୨୭ ।୩ (ସମିସ):** ଧର୍ମଗଡ଼ ବ୍ଲକ ପର୍ଲାଗ୍ରାମ ତଳପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଗୁରୁବାର ଦିନ କଳସ ଯାତ୍ରା ହୋଇଥିଲା। ଗ୍ରାମ ନିକଟସ୍ଥ ମୁଦ୍ରା ନଦୀ କୂଳରେ ପୂଜାର୍ଚ୍ଚନା କରାଯାଇ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଯଜ୍ଞସ୍ଥଳରେ କଳସ ସ୍ଥାପନ କରିଥିଲେ। ଯଜ୍ଞ ବିଧି ଅନୁଯାୟୀ ରାତିରେ ପୂଜାର୍ଚ୍ଚନା ପରେ ସକାଳ ୬ଘଣ୍ଟା ସମୟରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି । ଶନିବାର ଦିନ ପୂର୍ଣ୍ଣ ଆହୁତି ପରେ ଯଜ୍ଞ ସମ୍ପନ୍ନ ହେବା ବ୍ୟବସ୍ଥା ରହିଛି। ନାମ ଯଜ୍ଞରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦବଜାର ଖୋଲା ଯାଇଛି । ଶାନ୍ତି ଶୃଙ୍ଖଳିତ ପାଇଁ କମିଟି ପକ୍ଷରୁ ସୁବ୍ୟବସ୍ଥା କରିଥିବା କମିଟି ସଭାପତି ପ୍ରକାଶ କରିଛନ୍ତି ।

# ନୂଆପଡ଼ା ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ନୂଆପଡ଼ା, ୨୭ ।୩(ସମିସ):** ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରୁ ଆଜିର ଦିନରେ ରାଜ୍ୟ ତଥା ଜାତୀୟସ୍ତରକୁ କବାଡି ଖେଳାଳିମାନେ ଚୟନ ହୋଇଯାଉଛନ୍ତି। ଆଗକୁ ମଧ ନୂଆପଡ଼ା ରାଜ୍ୟ ତଥା ଜାତୀୟସ୍ତରରେ ନାଁ କରିବ ବୋଲି ଶୁକ୍ରବାର ଦିନ ନୂଆପଡ଼ା ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ମତ ରଖିଥିଲେ। ସଂଧ୍ୟାରେ ସ୍ଥାନୀୟ ତାରିଣୀ ମନ୍ଦିରରୁ ମଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶେଷରେ ପୁଲିସ ପଡ଼ିଆରେ ଟୁର୍ଣ୍ଣାମେଣ୍ଟସ୍ଥଳୀରେ ସ୍ଥାପନା କରାଯାଇଥିଲା। ଜିଲ୍ଲା କବାଡି ଖେଳାଳି ସଂଘ ସଭାପତି ହରିଶ ଅହୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାଯର୍ଯ୍ୟକ୍ରମରେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ଓସିଏ ଉପସଭାପତି ସରୋଜ କୁମାର ସାହୁ, ସିଆରପିଏଫ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋଷ, ଜିଲ୍ଲା କ୍ରିଡାଧିକାରୀ ରାଜେନ୍ଦ୍ର ବଢେଇ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, ଜିଲ୍ଲା ଓକିଲ ସଂଘ ସଭାପତି ସିତୁ ବୋଧନକର, ଗରିବ ସେନା ସଭାପତି ରବୀନ୍ଦ୍ର ମଙ୍ଗରାଜ, ଜିଲ୍ଲା ସାମ୍ବାଦିକ ସଂଘ(ଜାନ)ସଭାପତି ଘନଶ୍ୟାମ ଭୋଇ, ପ୍ରେମ ସାହୁ, ସରସ୍ୱତୀ ଶବର, ଟେକରାମ ସାହୁ, ମାଧବ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ପରେ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଥିଲା। ପ୍ରଥମ ଦିନରେ ୮ଟି ଟିମ୍ ମଧ୍ୟରେ ଖେଳ ହେବ । ଆସନ୍ତା ୨୯ ତାରିଖ ଦିନ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହେବ । ସୂଚନାଯୋଗ୍ୟ ଯେ ଗତ ବର୍ଷ ପ୍ରଥମ ଥର ପାଇଁ ଏହି ପ୍ରିମିୟର ଲିଗ ହୋଇଥିଲା । ଏଥର ଏହାକୁ ଭବ୍ୟ କରାଯିବାକୁ ଜିଲ୍ଲାର ବଛାବଛା ଖେଳାଳିଙ୍କୁ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

ଲୋକ ମହୋତ୍ସବ 'ଉଦନ୍ତୀ' ଉଦ୍‌ଘାଟିତ

# ଚହଟିଲା କଳା ଓ ସଂସ୍କୃତିର ବାସ

**ସିନାପାଲି, ୨୭ ।୩(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମହାନ ପର୍ବ ଉଦନ୍ତୀ ମହୋତ୍ସବ-୨୦୨୬ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅତସବାଜି ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅପରାହ୍ନରେ ସିନାପାଲି ଦୁର୍ଗା ମନ୍ଦିରରୁ ମଶାଲ ଶୋଭାଯାତ୍ରା ଓ ଛତର ବାହାରି ମା'ମହୁଲଗୋଛେନ ମନ୍ଦିର ହୋଇ ସହର ପରିକ୍ରମା ପରେ ମହୋତ୍ସବ ମଞ୍ଚରେ ପହଞ୍ଚିଥିଲା । ଶୋଭାଯାତ୍ରା ଅବସରରେ ଘଣ୍ଟ ଶଙ୍ଖ, ଘୁମୁରା ସମେତ ଅନେକ ସାଂସ୍କୃତିକ ଅନୁଷ୍ଠାନର ସାଂସ୍କୃତିକ ଦଳ ସାମିଲ ରହିଥିଲେ। ଉଦ୍‌ଘାଟନ ଭବ୍ୟ ସମାରୋହକୁ ମହୋତ୍ସବର ପୂର୍ବତନ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର ଉଦ୍‌ଘାଟନ କରିଥିଲେ। ମହୋତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟାକାଳୀନ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। କମିଟିର ଉପଦେଷ୍ଟା ରବୀନ୍ଦ୍ର ନାଥ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝି, ବିଶିଷ୍ଟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବରେ ମହୋତ୍ସବ କମିଟିର ଉପଦେଷ୍ଟା ଶଶିଭୂଷଣ ମାଝି, ସିନାପାଲି ବ୍ଲକ ଉପାଧକ୍ଷା ମିନା ଘିଭେଲା, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବୋଡ଼େନ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ଜିଲ୍ଲାପରିଷଦ ସଦସ୍ୟା ଆଶା ଜୈନ, ଅନ୍ୟତମ ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସିନାପାଲି ସରପଞ୍ଚ ସୁନୀତା ମେହେର, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ. ଶ୍ରୀମାନ ସାହୁ, ପୁଲିସ ଏସ୍‌ଡି ପିଓ ଉପେନ୍ଦ୍ର ପ୍ରଧାନ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କୁ ଅତୁଲ କୁମାର ପାତ୍ର ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସିନାପାଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ଦେବପୂଜନ ବେଦପାଠ କରିଯାଇଥିଲା ଓ ଚୂଡ଼ାମଣି ମେହେର ଓ ସାଥୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରେମାନନ୍ଦ ମେହେର ସ୍ମୃତି ସ୍ମାରକୀ ଓ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ କମିଟିର ସଦସ୍ୟ ସୁବାଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁନିଗୁଡା ଘୁଡକା ନାଚ, ସୁର ମନ୍ଦୀର କଟକ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟ, ଟିଟିଲାଗଡ଼ ବୀଣାପାଣି ଅନୁଷ୍ଠାନର ପଞ୍ଚ ରାଶି ଭାଇ ଜିଉଁଡିଆ, ଭବାନୀପାଟଣା ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଲୋକନୃତ୍ୟ ପ୍ରମୁଖ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନ ସମାରୋହରେ ମହୋତ୍ସବ କମିଟିର ସଭାପତି ପ୍ରିୟରଞ୍ଜନ ମେହେର, ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଳମଣି ମେହେର, ଡମ୍ବରୁଧର ମେହେର, ନାରାୟଣ ପାତ୍ର, ଲିଙ୍ଗରାଜ ଘିଭେଲା, ତୁଳସୀ ରାମ ମେହେର, ଅରି ଗଞ୍ଜନ ଯୋଷି, ଅମିତ ଜୈନ, ସୁରଜ ମେହେର, ଦିବ୍ୟ ରଞ୍ଜନ ନାଏକଙ୍କ ସମେତ ଅନେକ ମାନ୍ୟ ଗଣ୍ୟ, ବୁଦ୍ଧିଜୀବୀ, ପ୍ରାସାସନିକ ଅଧିକାରୀ ସାମିଲ ଥିଲେ।





